# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଜିଠାରୁ ଲାଗୁ ହେଲା ତିନୋଟି ନୂଆ ଅପରାଧିକ ଆଇନ
- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ଜନଅଭିଯୋଗ ଶୁଣାଣି
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଏନ୍‌ଟିଏ ତରଫରୁ ସଂଶୋଧିତ ନିଟ୍-ୟୁଜି ପରୀକ୍ଷା ଫଳ ର୍‌ୟାଙ୍କ ପ୍ରକାଶିତ

ଏବଂ

- ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତରମାନଙ୍କର ନିଃସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇ ଆଜି ଦେଶରେ ପାଳନ କରାଯାଉଛି ଜାତୀୟ ଡାକ୍ତର ଦିବସ

*Desk/Raygada/Nuapada/Nabarangpur*

# ନୂଆ ଅପରାଧିକ ଆଇନ

ଦେଶରେ ଆଜିଠାରୁ ୩ଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରୀ ହୋଇଛି। ସେଗୁଡ଼ିକ ହେଉଛି, ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩। ଏହି ଆଇନ୍‌ଗୁଡ଼ିକ ୧୮୬୦ ମସିହାର ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଳକୋର୍ଡ-ଆଇପିସି, ଭାରତୀୟ ଫୌଜଦାରୀ ଆଇନ୍-୧୯୭୩ ଏବଂ ୧୮୭୨ ମସିହାର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ବଦଳରେ କାର୍ଯ୍ୟକାରୀ ହେଉଛି। ଏହି ଆଇନ୍‌ରେ ସାମ୍ପ୍ରତିକ ସାମାଜିକ ପରିସ୍ଥିତି ଏବଂ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆବଶ୍ୟକ ନିୟମ ରଖାଯାଇଛି। ତଦନ୍ତକୁ ଅଧିକ ସହଜ ଏବଂ ନ୍ୟାୟ ପ୍ରଦାନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ଭାରତୀୟ ନାଗରିକଙ୍କୁ ସମ୍ବିଧାନ ଅନୁସାରେ ଅଧିକାର, ନ୍ୟାୟ ଏବଂ ସୁରକ୍ଷା ଦେବା ହେଉଛି ନୂଆ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

ରାଜ୍ୟରେ ନୂଆ ଆଇନର କାର୍ଯ୍ୟକାରୀ ହେଉଥିବାରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ପୁରୁଣା ଆଇନ ବଦଳିବା ଯୋଗୁଁ ଲୋକେ ଉପକୃତ ହେବେ ଏବଂ ମାମଲାଗୁଡ଼ିକର ଶୀଘ୍ର

ସମାଧାନ ହେବ। ନୂଆ ଆଇନ ସମ୍ପର୍କରେ ସବୁ ପକ୍ଷକୁ ସଚେତନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟରେ ତିନୋଟି ଅପରାଧିକ ଆଇନକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ନୂଆ ଅପରାଧିକ ଆଇନ ସମ୍ପର୍କରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ୧୦୦ ଜଣ ମାଷ୍ଟର ଟ୍ରେନରଙ୍କୁ ନିୟୋଜିତ କରାଯାଇଛି। ଆଗାମୀ ଦିନରେ ନୂଆ ଆଇନର କାର୍ଯ୍ୟକାରିତା ନେଇ ସନ୍ଦେହ ଦୂର କରିବା ଲାଗି ସ୍ୱତନ୍ତ୍ର ପରାମର୍ଶବଳୀ ସହ ହେଲ୍ପ ଡେସ୍କ ଖୋଲା ଯାଇଥିବା ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏହାଛଡ଼ା ଅନଲାଇନ୍ ମାଧ୍ୟମରେ ଏତଲା ପଞ୍ଜୀକରଣ, ପୁଲିସ ରିପୋର୍ଟ ସମେତ ମାମଲାର ସ୍ଥିତି ନିରୀକ୍ଷଣ କରିବା ଲାଗି କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ– ସି.ସି.ଟି.ଏନ୍.ଏସ୍ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆ ସରିଥିବା ପୁଲିସ ଡିଜି କହିଛନ୍ତି। ସେ କହିଛନ୍ତି,

**- V/O -**

ନୂଆ ଆଇନର କାର୍ଯ୍ୟକାରିତା ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଚେତନତା ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି।

ନବରଙ୍ଗପୁରରେ ନୂଆ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା କହିଛନ୍ତି, ଏହି ନୂତନ ସଂହିତା ମାଧ୍ୟମରେ ଦେଶର ନ୍ୟାୟ ବ୍ୟବସ୍ଥାରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିବ। ନୂଆ ଆଇନର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ପୁଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଶ୍ରୀ ବର୍ମା କହିଛନ୍ତି ।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ପୁଲିସ ତରଫରୁ ନୂଆ ଆଇନ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି । ଆଜି ମୁନିଗୁଡ଼ାସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ସଚେତନତା ସଭା ଆୟୋଜିତ ହୋଇଛି । ମୁନିଗୁଡ଼ା ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ନୂଆ ଦଣ୍ଡବିଧି ଆଇନ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ ।

ନୂଆପଡ଼ା ଜିଲ୍ଲା' ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ନୂଆ ଅପରାଧିକ ଆଇନ କାର୍ଯ୍ୟକାରିତା ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ହେମନ୍ତ ସାଏ ଓ ପୁଲିସ ଆରକ୍ଷୀ ଅଧୀକ୍ଷକ ଜି.ଆର୍.ରାଘବେନ୍ଦ୍ର ନୂଆ ଆଇନଗୁଡ଼ିକ ବିଷୟରେ ବୁଝାଇଥିଲେ । ଜିଲ୍ଲାର ସମସ୍ତ ଥାନା ପରିସରରେ ମଧ୍ୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି ।

*Desk*

# ଏନ୍‌ଟିଏ ନିଟ୍

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ. ପକ୍ଷରୁ କରାଯାଇଥିବା ୧ ହଜାର ୫୬୩ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାର୍ଥୀଙ୍କ ଫଳ ଆଜି ପ୍ରକାଶପାଇଛି। ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କ ର୍‍ୟାଙ୍କରେ ସଂଶୋଧନ ମଧ୍ୟ କରାଯାଇଛି। ୧ ହଜାର ୫୬୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୧୩ ଜଣ ପୁନଃ ପରୀକ୍ଷା ଦେଇଥିଲେ। ଏନ୍.ଟି.ଏ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପରୀକ୍ଷାର୍ଥୀମାନେ exams.nta.ac.in/neet ୱେବସାଇଟ୍‌ରେ ସଂଶୋଧିତ ସ୍କୋର କାର୍ଡ ପାଇପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗତ ମାସ ୨୩ ତାରିଖରେ ଗ୍ରେସ୍ ମାର୍କ ପାଇଥିବା ୧ ହଜାର ୫୬୩ ଜଣ ପରୀକ୍ଷାର୍ଥୀଙ୍କର ପୁନଃ ପରୀକ୍ଷା କରାଯାଇଥିଲା।

***BBSR/Ganjam***

# ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ପୂର୍ବାହ୍ନ ୧୧ଟାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ଆରମ୍ଭ ହୋଇଥିଲା। ସୂଚନା ଅନୁସାରେ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଜନ ଅଭିଯୋଗ ଶୁଣାଣି ହୋଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନେ ମିଳିତ ଭାବେ ଜନଶୁଣାଣି କରୁଛନ୍ତି।

ଗଞ୍ଜାମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣାଣି ହୋଇଛି । କେତେକ ଅଭିଯୋଗର ଆଶୁ ସମାଧାନ ହୋଇଥିବା ବେଳେ ଅନ୍ୟ କେତେକ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***HS***

## ରଥଯାତ୍ରା- ଭିଆଇପି ପ୍ରବେଶ

ରଥଯାତ୍ରା ସମୟରେ ମନ୍ଦିର ଭିତରକୁ ଭିଆଇପି ମାନଙ୍କ ପ୍ରବେଶକୁ ଅନୁମତି ଦିଆଯିବ ନାହିଁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି, ରଥଯାତ୍ରାରେ ଶୃଙ୍ଖଳା ଏବଂ ମହିଳା ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ପୁରୀରେ ରଥଯାତ୍ରା ପ୍ରସ୍ତୁତି ନେଇ ଚୂଡ଼ାନ୍ତ ବୈଠକ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । ଅନ୍ୟପକ୍ଷରେ ରଥଯାତ୍ରା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି ।

*Rourkela*

## ଆରଏସ୍‌ପି- ଶ୍ରମିକ ଅସୁସ୍ଥ

ରାଉରକେଲା ଇସ୍ପାତ କାରଖାନାର ୫ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ଆଜି ମରାମତି ହେଉଥିବା ବେଳେ ରାସାୟନିକ ଗ୍ୟାସ ପ୍ରଭାବରେ ୯ ଜଣ ଶ୍ରମିକ ଅସୁସ୍ଥ ହୋଇଛନ୍ତି। କାରଖାନାର ମୁଖପାତ୍ରଙ୍କ କହିବା ଅନୁଯାୟୀ, ବନ୍ଦ ଥିବା ବ୍ଲାଷ୍ଟ ଫର୍ଣ୍ଣେସ୍ ମରାମତି ସମୟରେ ବର୍ଜ୍ୟବସ୍ତୁ ଏକ ପ୍ରକାର ରାସାୟନିକ ଗନ୍ଧ ପ୍ରଭାବରେ ଶ୍ରମିକମାନେ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶ୍ରମିକଙ୍କୁ କାରଖାନାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବାବେଳେ ଅନ୍ୟ ୮ ଜଣଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ କାରଖାନାର କର୍ମଚାରୀ ହୋଇଥିବା ବେଳେ ଅନ୍ୟ ୫ ଜଣ ଠିକା କର୍ମଚାରୀ। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

*BHK*

## ଯୁବ ସାଂସ୍କୃତିକ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଧାମନଗର ଧୂଷୁରୀ ପୂଜ୍ୟପୂଜା ସାଂସଦ ଭବନରେ କେନ୍ଦ୍ର ସଙ୍ଗୀତ ଏକାଡେମୀ ଓ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଯୁବ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସଚିବ ରାଜୁ ଦାସ ଓ ଓଡ଼ିଶା

ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ନୃତ୍ୟକଳାକୁ ଉଜ୍ଜୀବିତ ରଖିବା ଲାଗି ସମସ୍ତଙ୍କ ପ୍ରଚେଷ୍ଟା ଜରୁରୀ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ ।

***HS***

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ

ଗଞ୍ଜାମ ଜିଲ୍ଲାରେ ଆଜିଠାରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏହି ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି । ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ, କୁଷ୍ଠ ଓ ଯକ୍ଷ୍ମାଭଳି ରୋଗ ପ୍ରତି ସଚେତନତା ସୃଷ୍ଟି କରିବ । ଏହାଛଡ଼ା ସମ୍ପୂର୍ଣ୍ଣ ଟୀକାକରଣ ହୋଇ ନ ଥିବା ଶିଶୁ ଓ ହେପାଟାଇଟିସ୍-ବି ପରୀକ୍ଷା ହୋଇ ନ ଥିବା ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ଲାଗି ଏହି ଅଭିଯାନରେ ପଦକ୍ଷେପ ଗ୍ରହଣ କରାଯିବ ।

***HS***

## ନକଲି ମଦ ଯାଞ୍ଚ

କଟକରେ ନକଲି ବିଦେଶୀ ମଦ ତିଆରି ପ୍ରସଙ୍ଗରେ ତଦନ୍ତ ଲାଗି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଥିବା

ଜଣାପଡ଼ିଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ସାରା ରାଜ୍ୟରେ ନକଲି ମଦ କାରବାର ଉପରେ ସତର୍କ ଦୃଷ୍ଟି ରଖାଯାଇଛି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

***HS/Desk***

## ଜାତୀୟ ଡାକ୍ତର ଦିବସ

ସମାଜ ପ୍ରତି ଚିକିତ୍ସକମାନଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିବା ଲାଗି ଆଜି ଜାତୀୟ ଡାକ୍ତର ଦିବସ ପାଳିତ ହେଉଛି । ସାମୂହିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଚିକିତ୍ସକମାନଙ୍କ ଅକ୍ଳାନ୍ତ ଚେଷ୍ଟା ଓ ପରିଶ୍ରମ ଏବଂ ନିଃସ୍ୱାର୍ଥପର ସେବାକୁ ବିଚାରକୁ ନେଇ ଏହି ଦିବସର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ । ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ତଥା ପ୍ରଖ୍ୟାତ ଚିକିତ୍ସକ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ତଥା ତିରୋଧାନ ଦିବସ ଜୁଲାଇ ୧କୁ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଇଥାଏ । ଆଜିର ଦିବସର ବାର୍ତ୍ତା ରହିଛି, 'ହିଲିଙ୍ଗ ହ୍ୟାଣ୍ଡ୍ସ, କ୍ୟାରିଙ୍ଗ ହାର୍ଟସ' ଅର୍ଥାତ୍ ଯେଉଁ ହାତ ଉପଶମ ଦେଇଥାଏ ଓ ହୃଦୟର ଯତ୍ନ ନେଇଥାଏ ।

ଜାତୀୟ ଡାକ୍ତର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରାଜ୍ୟପାଳ ରଘୁବର ଦାସ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ତପ, ସମର୍ପଣ ଓ ସେବା ପାଇଁ ଡାକ୍ତରମାନେ ସବୁବେଳେ ନମସ୍ୟ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦିବସରେ ସ୍ୱାସ୍ଥ୍ୟସେବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

**********************************